ଗ୍ରାମୀଣ କୃଷି ମୌସୁମୀ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର, ଓଡିଆ

# କୃଷି ଉପଦେଶ ପ୍ରସାରିତ ସମାଚାର

ତାରିଖ : 13-02-2024

ମୟୁରଭଞ୍ଜ(ଓଡିଶା) - :2024-02-13 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)

| ପାଣିପାଗ କାରକ | 2024-02-14 | 2024-02-15 | 2024-02-16 | 2024-02-17 | 2024-02-18 |
|---|---|---|---|---|---|
| ବର୍ଷା (ମିମି) | 0.0 | 10.0 | 20.0 | 5.0 | 0.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 32.0 | 31.0 | 28.0 | 28.0 | 30.0 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 17.0 | 18.0 | 19.0 | 18.0 | 16.0 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 60 | 69 | 72 | 51 | 53 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 28 | 28 | 30 | 34 | 26 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 10 | 7 | 9 | 7 | 7 |
| ପବନର ଦିଗ (ଡିଗ୍ରୀ) | 171 | 158 | 165 | 225 | 198 |
| ମେଘାଚ୍ଛନ (ଅକ୍ଟା) | 3 | 6 | 8 | 7 | 2 |

## ପାଣିପାଗ ସାରାଂଶ/ସତର୍କ:

| |
|---|
| ମୁଖ୍ୟତଃ ସ୍ୱଚ୍ଛରୁ ସମ୍ପୂର୍ଣ ମେଘୁଆ ଆକାଶ ସହିତ ଜିଲ୍ଲାରେ ହାଲୁକା ରୁ ମଧ୍ୟମ ବର୍ଷା ହେବାର ସମ୍ଭାବନା ଅଛି \| ଆସନ୍ତା ପାଞ୍ଚ ଦିନ ପର୍ଯ୍ୟନ୍ତ ପବନର ବେଗ ୭.୦ ରୁ ୧୦.୦ କିଲୋମିଟର ପ୍ରତି ଘଣ୍ଟା ମଧ୍ୟରେ ରହିବ \| ସର୍ବାଧିକ ତାପମାତ୍ରା ୨୮.୦°C ରୁ ୩୨.୦°C ମଧ୍ୟରେ ହୋଇପାରେ \| ସର୍ବନିମ୍ନ ତାପମାତ୍ରା ୧୬.୦°C ରୁ ୧୯.୦°C ମଧ୍ୟରେ ରହିପାରେ \| ସକାଳେ ଆପେକ୍ଷିକ ଆଦ୍ରତା ୫୧ ରୁ ୭୨ ପ୍ରତିଶତ ମଧ୍ୟରେ ହୋଇପାରେ ଏବଂ ଅପରାହ୍ନରେ ୨୬ ରୁ ୩୪ ପ୍ରତିଶତ ମଧ୍ୟରେ ରହିପାରେ \| |

## ସାଧାରଣ ଉପଦେଶ:

| |
|---|
| ବର୍ଷାର ସମ୍ଭାବନା ଥିବାରୁ ଗୁଣାତ୍ମକ ମାନର ଅବନତି ନହେବା ପାଇଁ ଅମଳକ୍ଷମ ଉତ୍ପାଦ ଅର୍ଥାତ୍ ପରିପକ୍ୱ ଫଳ, ପନିପରିବା ଏବଂ ଫୁଲକୁ ଅମଳ କରାଯିବା ଏବଂ ବିକ୍ରି କରାଯିବା ବ୍ୟବସ୍ତା କରନ୍ତୁ \| ଡାଲୁଅ ଧାନ ତଳିରେ ବାରମ୍ବାର ହାଲୁକା ଜଳସେଚନ କରନ୍ତୁ । ସନ୍ଧ୍ୟାରେ ପନିପରିବା ଫସଲକୁ ଜରି ଦ୍ୱାରା ବାଉଁଶ ରେ ବାନ୍ଧି ଘୋଡାଇ ଦିଅନ୍ତୁ । ଏହିପରି ଜରି ବ୍ୟବହାର କରନ୍ତୁ ଯେଉଁଥିରେ କଣା ନ ଥିବ । ଜରିଟିକୁ ଏହି ପରି ଭାବେ ଘୋଡାନ୍ତୁ ଯେପରି ଏହା ଫସଲ କୁ ଛୁଇଁବ ନାହିଁ । ସକାଳ ସମୟରେ ଏହି ଜରିକୁ ଉଠାଇ ଦିଅନ୍ତୁ । ବର୍ତ୍ତମାନ କେତେକ ସ୍ଥାନରେ କୁହୁଡ଼ି ପାଇଁ ଫସଲ ମାନଙ୍କରେ ସମ୍ଭାବ୍ୟ କ୍ଷତି ହେବାର ସମ୍ଭାବନା ରହିଛି । କୃଷକମାନେ ପାକଳ/ପାଚିଲା ଫସଲ ଅମଳ କରନ୍ତୁ । କୃଷକମାନେ ଘାସ ବାଛନ୍ତୁ ଏବଂ ଗଛ ମୂଳକୁ ମାଟି ଟେକି ଦିଅନ୍ତୁ । ଅଧିକ ଆର୍ଦ୍ରତା ଯୋଗୁଁ ରୋଗ ଓ ପୋକ ଅଧିକ ହେବାର ସମ୍ଭାବନା ରହିଛି । କୃଷକମାନେ ଫସଲ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିପାରିବେ । ମହୁମାଛି ମାନଙ୍କର ଚଳ ପ୍ରଚଳରେ ବାଧା ନ ଦେବା ପାଇଁ ଅପରାହ୍ନ ସମୟରେ କୀଟନାଶକକୁ ପ୍ରୟୋଗ କରନ୍ତୁ । ସର୍ବଦା ଘାସମରା ଔଷଧକୁ ସଫା ପାଣିରେ ମିଶାଇ ଫ୍ଲାଟ ଫ୍ୟାନ କିମ୍ବା ଫ୍ଲଡ ଜେଟ ନୋଜଲ ଥିବା ସ୍ପ୍ରେୟରରେ ସିଂଚନ କରନ୍ତୁ । |

## ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

| |
|---|
| ଅମଳକ୍ଷମ ଉତ୍ପାଦ ଅର୍ଥାତ୍ ପରିପକ୍ୱ ଫଳ, ପନିପରିବା ଏବଂ ଫୁଲକୁ ଅମଳ କରନ୍ତୁ \| ଉତ୍ତମ ଫୁଲ ଏବଂ ଫଳ ପାଇଁ ଆମ୍ବ ବଗିଚାରେ ଧୂଆଁ ଦିଅନ୍ତୁ । |

## ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ | ଡାଲୁଅ ଧାନ ତଳି ବର୍ତମାନ ୨ -୪ ସପ୍ତାହ ଅବସ୍ଥାରେ ଅଛି । ଡାଲୁଅ ଧାନ ତଳି ୪ ସପ୍ତାହ ଅବସ୍ଥାରେ ରୋଇବା ପାଇଁ ମୁଖ୍ୟ ଜମି ପ୍ରସ୍ତୁତ କରନ୍ତୁ । ବର୍ଷା ପରେ ଧାନ ଜମିରେ ମୂଳପଚା ରୋଗ ଦେଖାଦେଲେ ପ୍ରତି ଲିଟର ପାଣିରେ ୨ ଗ୍ରାମ ହିସାବରେ Metalaxyl + Mancozeb ମିଶାଇ ତଳି ମୂଳଭାଗରେ ସିଞ୍ଚନ କରନ୍ତୁ । ରୁଆ ଯାଇଥିବା ଧାନ ବର୍ତମାନ ଚେର ଲାଗିବାରୁ ଏକ ସପ୍ତାହ ଚାରା ଅବସ୍ଥାରେ ଅଛି । ଯେଉଁଚାଷୀ ଭାଇ ଓ ଭଉଣୀ ମାନେ ଧାନ ତଳି ରୋଇବାକୁ ଯାଉଛନ୍ତି, ମୂଳସାର ହିସାବରେ ଶେଷ କାଦୁଅ କରିବା ସମୟରେ ଏକର ପ୍ରତି ୩୫-କିଲୋଗ୍ରାମ ଡ଼ିଏପି, ୩୦- କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ଏବଂ ୮- କିଲୋଗ୍ରାମ ୟୁରିଆ ସାର ପ୍ରୟୋଗ କରନ୍ତୁ । ବାଲିଆ ଜମି ହୋଇଥିଲେ ଏକର ପ୍ରତି ୩୫-କିଲୋଗ୍ରାମ ଡ଼ିଏପି, ୧୫- କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ଏବଂ ୮- କିଲୋଗ୍ରାମ ୟୁରିଆ ସାର ପ୍ରୟୋଗ କରନ୍ତୁ । ଜମିରେ ଜିଙ୍କ ଅଣୁସାର ର ଅଭାବ ଦେଖା ଦେଉଥିଲେ ପ୍ରତି ୩ ବର୍ଷରେ ଏକର ପ୍ରତି ୧୦ କିଲୋଗ୍ରାମ ଜିଙ୍କ ସଲଫେଟ ଅଣୁସାର ୨୧ ଶତକଡା କୁ ଶେଷ କାଦୁଅ କରିବା ସମୟରେ ପ୍ରୟୋଗ କରନ୍ତୁ । ୨୦ ରୁ ୨୫ ଦିନର ତଳିକୁ ଧାଡି କୁ ଧାଡି ୨୦ ସେ.ମି ଏବଂ ଗଛ କୁ ଗଛ ୧୫ ସେ.ମି ବ୍ୟବଧାନ ରଖି ବୁଦା ପ୍ରତି ୨-୩ ଟି ତଳି ଲଗାନ୍ତୁ । |
| ସୋରିଷ | ସୋରିଷ ଫସଲ ବର୍ତମାନ ଫୁଲ ଫୁଟିବା ଅବସ୍ଥାରେ ଅଛି । ଜିଲ୍ଲା ରେ ହୋଇଥିବା ବର୍ଷା ଯୋଗୁଁ, ଅତ୍ୟଧିକ ଆର୍ଦ୍ରତା ଏବଂ କମ୍ ତାପମାତ୍ରା ହେତୁ ସୋରିଷ ଫସଲ ରେ ନିମ୍ନମୁଖି ପାଉଁଶିଆ ରୋଗ ଲାଗିବାର ସମ୍ଭାବନା ରହିଛି । ଏହା ସହ ଅତ୍ୟଧିକ ଆର୍ଦ୍ରତା ହେତୁ ଧଳା କଳଙ୍କି ରୋଗ ମଧ୍ୟ ଲାଗିପାରେ । ବର୍ଷା ଛାଡିଗଲା ପରେ ଏହି ରୋଗର ନିରାକରଣ ନିମନ୍ତେ ରାସାୟନିକ ଉପାୟରେ ୩.୫ ମିଲି ମେଟାଲାକ୍ସିଲ କିମ୍ବା ୨.୫ ଗ୍ରାମ ମେଟାଲାକ୍ସିଲ ଓ ମାଙ୍କୋଜେବ ର ମିଳିତ ମିଶ୍ରଣ କୁ ପ୍ରତି ଲିଟର ପାଣି ରେ ମିଶାଇ ଫସଲରେ ସିଞ୍ଚନ କରନ୍ତୁ । ବର୍ତ୍ତମାନ ସମୟରେ ସୋରିଷ ଫସଲରେ ପତ୍ରଛନ୍ଦା ପୋକ ଏବଂ କରତିଆ ମାଛି ଲାଗିବାର ସମ୍ଭାବନା ରହିଛି । ସୋରିଷ ଫସଲରେ ପତ୍ରଛନ୍ଦା ପୋକ ଏବଂ କରତିଆ ମାଛି ର ପରିଚାଳନା ପାଇଁ ଏକର ପ୍ରତି ୨୦୦-ମିଲି Ethofenprox ନାମକ କୀଟନାଶକ କିମ୍ବା ୪୦୦-ମିଲି Chlorpyriphos ଏବଂ Cypermethrin ର ମିଳିତ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ବର୍ତ୍ତମାନ ସମୟରେ ସୋରିଷ ଫସଲରେ ଜଉ ପୋକ ଏବଂ ଚିତ୍ରିତ ବଗ ଲାଗିବାର ସମ୍ଭାବନା ରହଛି । ପ୍ରାଥମିକ ଅବସ୍ଥାରେ ଏହି ପୋକ ଗୁଡକିର ପରିଚାଳନା ପାଇଁ ଏକର ପ୍ରତି ୬୦୦-ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ PPM କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ରାସାୟନକି ଉପାୟରେ ଜଉ ପୋକ ଏବଂ ଚିତ୍ରିତ ବଗ କୀଟ ର ପରିଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ Thiomethoxam ନାମକ କୀଟନାଶକ କିମ୍ବା ୫୦ ଗ୍ରାମ Acetamiprid ନାମକ କୀଟନାଶକ କିମ୍ବା ୬୦-ମିଲି Imidacloprid ନାମକ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ମହୁମାଛିମାନଙ୍କର ଚଳ ପ୍ରଚଳରେ ବାଧା ନ ଦେବା ପାଇଁ ଅପରାହ୍ନ ସମୟରେ କୀଟନାଶକ କୁ ପ୍ରୟୋଗ କରନ୍ତୁ । |
| ବାଦାମ | ବାୟୁମଣ୍ଡଳ ର ତାପମାତ୍ରା ବଢିବା ଯୋଗୁଁ ଚିନାବାଦାମ ଫସଲରେ ଶୋଷକ ପୋକ ଯଥା ଜଉ ଓ ପତ୍ର ଉକୁଣି ପୋକ ର ପ୍ରାଦୁର୍ଭାବ ଦେଖାଯିବାର ସମ୍ଭାବନା ରହିଛି । ଚିନାବାଦାମ ଫସଲରେ ପ୍ରାଥମିକ ଅବସ୍ଥାରେ ଜଉ ପୋକ ଓ ପତ୍ର ଉକୁଣି ପୋକ ର ଆକ୍ରମଣ କମ ଦେଖାଦେଉଥିଲେ ଏକର ପ୍ରତି ୧-ଲିଟର ନିମ୍ବ ଆଧାରିତ କୀଟନାଶକ ୩୦୦ PPM କୁ ୨୦୦ ଲିଟର ପାଣିରେ ମିଶାଇ |

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| | ସିଂଚନ କରନ୍ତୁ । ପୋକ ଆକ୍ରମଣ ଅଧିକ ଦେଖାଦେଲେ ରାସାୟନିକ ଉପାୟରେ ଜଉ ଓ ପତ୍ର ଉକୁଣି ପୋକ ର ପରଚାଳନା ପାଇଁ ଏକର ପ୍ରତି ୪୦ ଗ୍ରାମ ଥାୟମେଥୋକଜାମ ନାମକ କୀଟନାଶକ କିମ୍ବା ୫୦-ମିଲି ଇମିଡାକ୍ଲୋପ୍ରିଡ ନାମକ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ପ୍ରାଥମିକ ଅବସ୍ଥାରେ ଚିନାବାଦାମ ଫସଲରେ ପତ୍ର ସୁଡଙ୍ଗୀ ପୋକ ର ପରିଚାଳନା ପାଇଁ ଏକର ପ୍ରତି ୧-ଲିଟର ନିମ୍ବ ଆଧାରିତ କୀଟନାଶକ ୩୦୦ PPM କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ପୋକ ଆକ୍ରମଣ ଅଧିକ ଦେଖାଦେଲେ ରାସାୟନିକ ଉପାୟରେ ଏହି ପୋକ ର ପରିଚାଳନା ପାଇଁ ଏକର ପ୍ରତି ୪୦୦ ମିଲି-ପ୍ରୋଫେନୋଫସ ନାମକ କୀଟନାଶକ କିମ୍ବା ୪୦୦ ମିଲି କ୍ଲୋରୋପାଇରିଫସ ଏବଂ ସାଇପରମେଥ୍ରିନ ର ମିଳିତ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ବର୍ତ୍ତମାନ ସମୟରେ ଚିନାବାଦାମ ଫସଲରେ ଟୀକା ରୋଗ ଲାଗିବାର ଅଛି । ଏହି ରୋଗ ଦ୍ଵାରା ଆକ୍ରାନ୍ତ ଗଛର ପତ୍ରର ତଳ ପଟେ ଗାଢ କଳା ଦାଗ ଦେଖାଯାଏ । ପରେ ଦାଗ ଗୁଡିକ ମିଶିଯାଇ ସମ୍ପୂର୍ଣ୍ଣ ପତ୍ରକୁ ମାଡିଯାଏ । ଅଧିକ ଆକ୍ରାନ୍ତ ହେଲେ ପତ୍ର, ଡେମ୍ଫ ଓ କାଣ୍ଡ କୁ ମଧ୍ୟ ବ୍ୟାପିଥାଏ ଓ ପରେ ପତ୍ରଗୁଡିକ ଝଡିପଡେ । ଏହି ରୋଗର ପରିଚାଳନା ପାଇଁ ଏକର ପ୍ରତି ୪୦୦-ଗ୍ରାମ କ୍ଲୋରୋଥାଲୋନିଲ କିମ୍ବା ୬୦୦-ଗ୍ରାମ ମାଙ୍କୋଜେବ କିମ୍ବା ୩୦୦-ମି.ଲି ହେକ୍ସାକୋନାଜୋଲ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |

## ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| କାକୁଡି | ବର୍ଷା ପରେ କୁହୁଡି ଜନିତ ପାଗ ହେତୁ ଦଙ୍କଜାତୀୟ ପନିପରିବା ଯଥା କଖାରୁ, ଲାଉ, କାକୁଡି ଏବଂ ଝୁଡୁଙ୍ଗ, ବିନ, ମୁଗ, ବିରି ଆଦି ଫସଲରେ ପାଉଁଶିଆ ରୋଗ ସମସ୍ୟା ବୃଦ୍ଧିପାଇପାରେ, ଏହାର ପ୍ରତିକାର ପାଇଁ ପ୍ରତି ଲିଟର ପାଣିରେ ୪ ଗର୍ମ ହିସାବରେ ସଲଫର ୮୦% ସେଚିତ ଗୁଣ୍ଡ କିମ୍ବା ୨ ଗ୍ରାମ ଟେବୁକୋନାଜୋଲ ୧୦% + ସଲଫର ୬୫% ମିଶାଇ ପ୍ରୟୋଗ କରନ୍ତୁ । |
| ବାଇଗଣ | ବାଇଗଣରେ ଗଣ୍ଡି ଏବଂ ଫଳ ବିନ୍ଧା ପୋକର ଆକ୍ରମଣ ଦେଖାଦେଲେ ଆକ୍ରାନ୍ତ ଗଛର ଅଗ ଡାଳଟି ଝାଉଁଳି ପଡେ ଓ ପରେ ଏହି ଝାଉଁଳି ଥିବା ଡାଳଟି ଶୁଖିଯାଏ । ଫଳ ଅବସ୍ଥାରେ ଶକୁଗୁଡିକ ଡାଳ ଅପେକ୍ଷା ଫଳ ଗୁଡିକୁ ବେଶି ଆକ୍ରମଣ କରିଥାନ୍ତି । ଏହି ପୋକର ପରିଚାଳନା ପାଇଁ ପ୍ରଥମେ ଜମିରୁ ଆକ୍ରାନ୍ତ ଡାଳ, ପତ୍ର ଓ ଫଳଗୁଡିକ ସଂଗ୍ରହ କରି ଦୂରରେ ନଷ୍ଟ କରିଦିଅନ୍ତୁ । ଏହି କୀଟର ପରିଚାଳନା ପାଇଁ ଏକର ପ୍ରତି LeucinLure ଥିବା ସଙ୍ଗ ଆକର୍ଷକ ଯନ୍ତାରୁ ୨୦ ଟି ରଖନ୍ତୁ । ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦-ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ କୁ ୨୦୦-ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ବାଇଗଣ ଫସଲରେ ଯଦି, ଶତକଡା ୪-ଭାଗ ଅଗ ଝାଉଁଳା ବା ଶତକଡା ୧୪-ଭାଗ ପୋକଡା ଫଳ ଦେଖୁଛନ୍ତି ତାହେଲେ ରାସାୟନିକ ଔଷଧ ପ୍ରୟୋଗ କରନ୍ତୁ । ଏହି ପୋକାଡ଼ ରାସାୟନିକ |

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| | ଉପାୟରେ ପରିଚାଳନା ପାଇ ଏଁକର ପ୍ରତି ୭୫- ମି.ଲି ସ୍ପିନୋସାଡ କିମ୍ବା ୮୦-ଗ୍ରାମ ଏମାମେକ୍ଟିନ ବେଞ୍ଜୋଏଟ କିମ୍ବା ୮୦-ମି.ଲି କ୍ଲୋରାନଟ୍ରାନିପ୍ରୋଲ କିମ୍ବା ୨୦୦-ମି.ଲି ସ୍ୱାଇେନେଟୋରାମ କୁ ୨୦୦-ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।ଏହି କୀଟନାଶକ ମଧ୍ଯରୁ ଯେକୌଣସି ଗୋଟିଏକୁ ବାରମ୍ବାର ପ୍ରୟୋଗ ନକରି ଅଦଳ ବଦଳ କରି ପ୍ରତି ୧୫-ଦିନ ଅନ୍ତରରେ ସିଞ୍ଚନ କରନ୍ତୁ । |
| ଟମାଟର | ମୁଖ୍ୟ ଜମିରେ ରୁଆ ଯାଇଥିବା ବିଲାତି ବାଇଗଣ ଫଳ ପାକଳ ହେବା ରୁ ଅମଳ ହେବା (୧୩ – ୧୬ ସପ୍ତାହ) ଅବସ୍ଥାରେ ଅଛି । ବିଲାତି ବାଇଗଣ ବଜାରରେ ବିକ୍ରୟ ପାଇଁ ଅଧା ଲାଲ ପଡିଥିବା ଅବସ୍ଥାରେ ଅମଳ କରନ୍ତୁ । ବର୍ତ୍ତମାନ ସମୟରେ ବିଲାତି ବାଇଗଣ ଫସଲରେ ଧଳାମାଛି ଲାଗିବାର ସମ୍ଭାବନା ରହଛି । ଉଭୟ ଅର୍ଭକ ଓ ପୂର୍ଣାଙ୍ଗ ଅବସ୍ଥାରେ ଧଳା ମାଛି ମାନେ ପତ୍ର ରୁ ରସ ଶୋଷି ଖାଇବା ହେତୁ ଆକ୍ରାନ୍ତ ପତ୍ର ଗୁଡିକ ଉପର ଆଡକୁ ମୋଡି ହୋଇଯାଏ ଏବଂ ବିବର୍ଣ୍ଣ ପଡି ଏହାର ସଜୀବତା ହ୍ରାସ ପାଏ । ଧଳା ମାଛି ଭୂତାଣୁ ଜନତି ପତ୍ରମୋଡା ରୋଗର ବାହକ ଅଟେ । ବିଲାତି ବାଇଗଣ ଫସଲରେ ଧଳାମାଛି ର ପରିଚାଳନା ପାଇଁ ଏକର ପ୍ରତି ୮-୧୦ ଟି ହଳଦିଆ ଅଠା ଯୁକ୍ତ ଜନ୍ତା ଲଗାନ୍ତୁ । ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦-ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ PPM କୁ ୨୦୦-ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ରାସାୟନିକ ଉପାୟରେ ତମଟୋ ଫସଲରେ ଧଳାମାଛି ର ପରିଚାଳନା ପାଇଁ ଏକର ପ୍ରତି ୪୦-ଗ୍ରାମ Thiomethoxam କିମ୍ବା ୨୦୦-ମିଲି Pyriproxifen ନାମକ କୀଟନାଶକ କିମ୍ବା ୨୫୦-ମିଲି Spiromesifen ନାମକ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ଟମାଟୋ ଫସଲରେ ଫଳ ବିନ୍ଧା ପୋକର ଆକ୍ରମଣ ଦେଖାଦେଲେ ଏହାର ପରିଚାଳନା ପାଇଁ ପ୍ରଥମେ ଜମିରୁ ଆକ୍ରାନ୍ତ ଫଳଗୁଡ଼ିକୁ ସଂଗ୍ରହ କରି ଦୂରରେ ନଷ୍ଟ କରିଦିଅନ୍ତୁ । ଏହି କୀଟର ପରିଚାଳନା ପାଇଁ ଏକର ପ୍ରତି, Helilure ଥିବା ସଙ୍ଗ ଆକର୍ଷକ ଯନ୍ତାରୁ ୨୦ ଟି ରଖନ୍ତୁ । ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦-ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ PPM କୁ ୨୦୦- ଲିଟର ପାଣି ରେ ମିଶାଇ ସିଂଚନ କରନ୍ତୁ । ଟମାଟୋ ଫସଲରେ ଯଦି, ଶତକଡା ୧୦-ଭାଗ ପୋକଡା ଫଳ ଦେଖୁଛନ୍ତି ତାହେଲେ ରାସାୟନିକ ଉପାୟ ରେ ପରିଚାଳନା ପାଇଁ ଏକର ପ୍ରତି ୮୦- ମି. ଲି Chlorantraniliprole ନାମକ କୀଟନାଶକ କିମ୍ବା ୪୦-ମିଲି Flubendiamide ନାମକ କୀଟନାଶକ କିମ୍ବା ୧୦୦- ମି. ଲି Indoxacarb ନାମକ କୀଟନାଶକ କୁ ୨୦୦-ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଏହିକୀଟନାଶକ ଗୁଡ଼ିକ ମଧ୍ଯରୁ ଯେକୌଣସି ଗୋଟିଏକୁ ବାରମ୍ବାର ପ୍ରୟୋଗ ନକରି ଅଦଳ ବଦଳ କରି ପ୍ରତି ୧୫-ଦିନ ଅନ୍ତରରେ ସିଞ୍ଚନ କରନ୍ତୁ । |
| ପିଆଜ | ମୁଖ୍ୟ ଜମିରେ ରୁଆ ଯାଇଥିବା ପିଆଜ ବର୍ତମାନ ଅଙ୍ଗିଅ ବୃଦ୍ଧି ରୁ ପିଆଜ ହେବା (୮ – ୧୧ସପ୍ତାହ) ଅବସ୍ଥାରେ ଅଛି । ପିଆଜ ଗଛ ର ଚେର ମାଟିର ଉପରି ଭାଗରେ ରହୁଥିବାରୁ ମାଟି ସର୍ବଦା ଓଦା ରହିବା ଦରକାର କିନ୍ତୁ ପାଣି ଜମି ରହିବା ଅନୁଚିତ । ରବି ପିଆଜ ଫସଲରେ ୧୦-୧୫ ଟି ଜଳସେଚନ ଦରକାର ପଡିଥାଏ । ମାଟି ର ବତର ଦେଖି ୭ ରୁ ୧୦ ଦିନ ଅନ୍ତରରେ ଜଳସେଚନ କରନ୍ତୁ । ବର୍ତମାନ ସମୟରେ ପିଆଜ ଫସଲରେ ପତ୍ର ଉକୁଣି ପୋକ ଲାଗିବାର ସମ୍ଭାବନା ରହିଛି । ପିଆଜ |

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| | ଫସଲରେ ମାଟିକୁ ନିୟମିତ କୋଡାଖୁସା କରି ଜଳସେଚନ କଲେ ପତ୍ର ଉକୁଣି ପୋକର ପ୍ରାଦୁର୍ଭାବ କମିଯାଏ । ପ୍ରାଥମିକ ଅବସ୍ଥାରେ ପତ୍ର ଉକୁଣି ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦-ମି.ଲି. ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ପତ୍ର ଉକୁଣି ପୋକର ରାସାୟନିକ ଉପାୟରେ ପରିଚାଳନା ପାଇଁ ଏକର ପ୍ରତି ୪୦-ଗ୍ରାମ Thiomethoxam ନାମକ କୀଟନାଶକ କିମ୍ବା ୫୦- ଗ୍ରାମ Acetamiprid ନାମକ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ପିଆଜ ଗଛର ପତ୍ର ସିଧା ଓ ଅଧିକ ଚିକ୍କଣ ହୋଇଥିବାରୁ ଔଷଧ ସିଂଚନ କଲା ପରେ ତଳକୁ ଖସିଆସେ । ତେଣୁ କୀଟନାଶକ ସହ sticker କିମ୍ବା spreader ମିଶାଇ ସିଂଚନ କରନ୍ତୁ । |
| ବନ୍ଧାକୋବି | ମୁଖ୍ୟ ଜମିରେ ରୁଆ ଯାଇଥିବା ବନ୍ଧା କୋବି ୧୨ -୧୫ ସପ୍ତାହ ଅବସ୍ଥାରେ ଅଛି। ପାକଳ ଫସଲ ଅମଳ କରନ୍ତୁ । ବନ୍ଧା କୋବି ଫସଲରେ ବର୍ତ୍ତମାନ ସମୟରେ ଠିକିରି ପିଠିଆ ପୋକ ଓ ବନ୍ଧା କୋବି ବିନ୍ଧା ପୋକ ଲାଗିବାର ସମ୍ଭାବନା ରହିଛି । ଏହି ପୋକ ଗୁଡକିର ପରିଚାଳନା ପାଇଁ ନିୟମିତ ଭାବରେ ଫସଲର ସର୍ବେକ୍ଷଣ କରି ଶୂକ ଓ ଅଣ୍ଡା ପୁଞ୍ଜ ଗୁଡ଼ିକୁ ହାତରେ ଧରି ନଷ୍ଟ କରିଦିଅନ୍ତୁ । ପ୍ରାଥମିକ ଅବସ୍ଥାରେ ଏହି ପୋକ ଗୁଡକିର ପରିଚାଳନା ପାଇଁଏକର ପ୍ରତି ୧- ଲିଟର ନିମ୍ବ ଆଧାରିତ କୀଟନାଶକ ୩୦୦ PPM କୁ ୨୦୦-ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ରାସାୟନକି ଉପାୟରେ ଏହି ପୋକ ଗୁଡକିର ପରିଚାଳନା ପାଇଁ ଏକର ପ୍ରତି ୪୦୦-ମିଲି Tolfenpyrad ନାମକ କୀଟନାଶକ କିମ୍ବା ୨୦-ଗ୍ରାମ Flubendiamide ନାମକ କୀଟନାଶକ କିମ୍ବା ୪୦୦-ମିଲି Chlorfenapyr ନାମକ କୀଟନାଶକ କିମ୍ବା ୭୫-ମିଲି Spinosad ନାମକ କୀଟନାଶକ କୁ ୨୦୦-ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |
| ଫୁଲକୋବି | ମୁଖ୍ୟ ଜମିରେ ରୁଆ ଯାଇଥିବା ଫୁଲ କୋବି ୧୨ – ୧୫ ସପ୍ତାହ ଅବସ୍ଥାରେ ଅଛି । ପାକଳ ଫସଲ ଅମଳ କରନ୍ତୁ । ଫୁଲ କୋବି ଫସଲରେ ସାଧାରଣତଃ ବୋରନ ଅଣୁସାର ର ଅଭାବ ଦେଖାଦେଲେ କୋବି ଗଛ ର କାଣ୍ଡ, ପତ୍ର ଉପରେ ପାଣି ଭିଜା ହାଲୁକା ରୁ ଧୂସର ରଙ୍ଗର ଦାଗମାନ ଦେଖାଯାଏ । ଏହା ବ୍ୟତୀତ କାଣ୍ଡ ଫମ୍ପା ହୋଇଥାଏ । ଫୁଲ ଉପରେ ମଧ୍ୟ ଅନୟିମିତ ପାଣିଭିଜା ଦାଗମାନ ଦେଖାଯାଏ ଏବଂ ଫୁଲ କ୍ରମଶଃ ଧୂସର ବାଦାମୀ ରଙ୍ଗର ହୋଇଥାଏ । ଫୁଲ ଛୋଟ ହେବା ସହିତ ଏହାର ସ୍ୱାଦ ତିକ୍ତ ବା ପିତା ହୋଇଥାଏ । ତେଣୁ କୋବି ଫସଲରେ ବୋରନ ଅଣୁସାର ର ଅଭାବ ଜନତି ଗଠନଗତ ସମସ୍ୟା ର ପରିଚାଳନା ପାଇଁ ଏକର ପ୍ରତି ୪-କିଲୋଗ୍ରାମ ବୋରାକ୍ସ କୁ ଶେଷ ଓଡ ଚାଷ ସମୟରେ ପ୍ରୟୋଗ କରନ୍ତୁ । ଶେଷ ଓଡ ଚାଷ ସମୟରେ ଜମିରେ ପ୍ରୟୋଗ କରିନଥିଲେ ଚାରା ରୋପଣର ୨ ସପ୍ତାହ ପରେ ଏବଂ ଫୁଲ କଢ ଧରିବାର ଦୁଇ ସପ୍ତାହ ପୂର୍ବରୁ ପ୍ରତି ଲିଟର ପାଣିରେ ୨.୫ ଗ୍ରାମ Borax କିମ୍ବା ୧-୧.୫ ଗ୍ରାମ Folibor କିମ୍ବା Solubor ମିଶାଇ ପତ୍ର ଉପରେ ସିଞ୍ଚନ କରନ୍ତୁ । |
| ଆଳୁ | ବର୍ତ୍ତମାନ ସମୟରେ ଆଳୁ ଫସଲରେ କଟା ପୋକ ଲାଗିବାର ସମ୍ଭାବନା ରହିଛି । ଏହି ପୋକ ଗୁଡ଼ିକ ଦିନେବେଳେ ମାଟି କିମ୍ବା ପାଖରେ ଥିବା ହିଡ଼ ଭିତରେ ଲୁଚି ରହିଥାନ୍ତି । ଏହି ପୋକ ଗୁଡ଼ିକ ରାତିରେ ହୁଡ଼ାରୁ ବାହାରି ଗଛ ଛୋଟ ଅବସ୍ଥାରେ ଥିଲେ ଗଛର କାଣ୍ଡକୁ ସଂପୂର୍ଣ୍ଣ କାଟି ଦେଇଥାନ୍ତି । ଗଛର କଅଁଳିଆ ଡାଳ ଗୁଡ଼ିକୁ କାଟି ଦିଅନ୍ତି, ଏପରିକି ଗଛକୁ ବେଳେ ବେଳେ ଥୁଣ୍ଟା |

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| | କରିଦିଅନ୍ତି । ଆଳୁ ହେଲା ପରେ ସେଥିରେ ସେମାନେ ପଶି କଣା କରି ଖାଇଥାନ୍ତି । ଆଳୁ ଫସଲରେ କଟା ପୋକର ପରିଚାଳନା ପାଇଁ ଏକର ପ୍ରତି ୪୦୦ ମିଲି କ୍ଲୋରୋପାଇରିଫସ ଏବଂ ସାଇପରମେଥ୍ରିନ ର ମିଳିତ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ପୋକ ଗୁଡିକ ରାତ୍ରିଚର ହୋଇଥିବାରୁ କୀଟନାଶକ କୁ ସନ୍ଧ୍ୟା ସମୟରେ ସିଂଚନ କରନ୍ତୁ । ଏକର ପ୍ରତି ୧୦ କିଲୋଗ୍ରାମ କ୍ଲୋରୋପାଇରିଫସ ଗୁଣ୍ଡକୁ ହୁଡା ଉପରେ ପ୍ରୟୋଗ କରନ୍ତୁ । ବର୍ତ୍ତମାନ ସମୟରେ ଆଳୁ ଫସଲରେ ଶୋଷକ କୀଟ ଯଥା ଜଉ ଓ ସବୁଜ ପତ୍ର ଡିଆଁ ପୋକ ଲାଗିବାର ସମ୍ଭାବନା ରହିଛି । ପ୍ରାଥମିକ ଅବସ୍ଥାରେ ଜଉ ପୋକ ଓ ସବୁଜ ପତ୍ର ଡିଆଁ ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦-ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ରାସାୟନିକ ଉପାୟରେ ଏହି ଶୋଷକ କୀଟ ଗୁଡିକର ପରିଚାଳନା ପାଇଁ ଏକର ପ୍ରତି ୪୦-ଗ୍ରାମ ଥାୟମେଥୋକଜାମ ନାମକ କୀଟନାଶକ କିମ୍ବା ୮୦-ଗ୍ରାମ ଡାଇନୋଟେଫୁରାନ ନାମକ କୀଟନାଶକ କିମ୍ବା ୬୦-ଗ୍ରାମ Flonicamide ନାମକ କୀଟନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ବର୍ତ୍ତମାନ ସମୟରେ ମେଘୁଆ ଓ କୁହୁଡିଆ ପାଗ ଯୋଗୁଁ ଆଳୁ ଫସଲ ରେ ପତ୍ରପୋଡା ରୋଗ ଲାଗିବାର ସମ୍ଭାବନା ରହିଛି । ଆଳୁ ଫସଲରେ ଉଚ୍ଛୁର ପତ୍ର ପୋଡା ରୋଗର ପରିଚାଳନା ପାଇଁ ଏକର ପ୍ରତି ୪୦୦-ଗ୍ରାମ ମେଟାଲାକ୍ସିଲ ଆଉ ମାଙ୍କୋଜେବ ର ମିଳିତ ଫିମ୍ପିନାଶକ କୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ଆଳୁର କିସମ ଏବଂ ମାଟି ଅନୁଯାୟୀ ଆମ ଜଳବାୟୁ ରେ ଆଳୁ ଲଗାଇବା ଠାରୁ ୭୫ ରୁ ୮୫ ଦିନ ମଧ୍ୟରେ ପ୍ରାୟତଃ ଆଳୁ ଅମଳ ହୋଇଥାଏ । ଆଳୁ ଗଛର ପତ୍ର ହଳଦିଆ ବାଦାମି ରଙ୍ଗର ହୋଇଗଲା ପରେ ଅମଳ କରନ୍ତୁ । ଆଳୁ ଖୋଳିବାର ୧୫ ଦିନ ପୂର୍ବରୁ ଜମିରେ ପାଣି ମଡାନ୍ତୁ ନାହିଁ । ଆଳୁ ଅମଳ ପରେ ପଚା ଏବଂ କଟା ଆଳୁ ଗୁଡିକୁ ବାଛି ବାହାର କରି ଦିଅନ୍ତୁ । ଆଳୁଗୁଡିକୁ ୪୮ ଘଣ୍ଟା ଛାଇ ରେ ଶୁଖାଇ ଜାଲି ଅଖା ରେ ରଖନ୍ତୁ । |
| ଭେଣ୍ଡୀ | ଖରା ଦିନିଆ ଭେଣ୍ଡି ଚାଷ ପାଇଁ ଏକର ପ୍ରତି ୪-କିଲୋଗ୍ରାମ ଉନ୍ନତ ବିହନ କିସମ କିମ୍ବା ୧.୫ - କିଲୋଗ୍ରାମ ଶଙ୍କର ବା ହାଇବ୍ରିଡ ବିହନ ଆବଶ୍ୟକ ହୁଏ। ବିହନ ବୁଣିବା ପୂର୍ବରୁ ୧-କିଲୋଗ୍ରାମ ବିହନରେ ୩-ଗ୍ରାମ Thiram ସହିତ ୭-ଗ୍ରାମ Imidacloprid 70 % WS କୀଟନାଶକ ମିଶାଇ ବିଶୋଧନ କଲେ ଫସଲରେ ରୋଗ ଓ ଶୋଷକ ପୋକର ପ୍ରାଦୁର୍ଭାବ କମିଯାଏ । ବିହନ ଲଗାଇବା ସମୟରେ ଉନ୍ନତ କିସମ ପାଇଁ ମୂଳ ସାର ହିସାବରେ ଏକର ପ୍ରତି ୨୬- କିଲୋଗ୍ରାମ DAP, ୨୦- କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସହିତ ୧୦- କିଲୋଗ୍ରାମ ୟୁରିଆ ସାର ପ୍ରୟୋଗ କରି ଧାଡିକୁ ଧାଡି ୩୦ ସେମି ଏବଂ ଗଛ କୁ ଗଛ ୩୦ ସେମି ବ୍ୟବଧାନ ରେ ଲଗାନ୍ତୁ । ଶଙ୍କର ବିହନ ପାଇଁ ଏକର ପ୍ରତି ୩୫- କିଲୋଗ୍ରାମ DAP, ୨୫- କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସହିତ ୧୦- କିଲୋଗ୍ରାମ ୟୁରିଆ ସାର ପ୍ରୟୋଗ କରି ଧାଡିକୁ ଧାଡି ୬୦ ସେମି ଏବଂ ଗଛ କୁ ଗଛ ୪୫ ସେମି ବ୍ୟବଧାନ ରେ ଲଗାନ୍ତୁ । |
| ମରିଗଲଦ | ପ୍ରଚଳିତ ପାଣିପାଗ ଅବସ୍ଥାରେ ନାଲି ବୁଢିଆଣୀ ଅଷ୍ଟପଦୀ ସଂକ୍ରମଣ ହେବାର ସମ୍ଭାବନା ଅଛି ।ନାଲି ବୁଢିଆଣୀ ଅଷ୍ଟପଦୀ ପୋକର ପରିଚାଳନା ନିମନ୍ତେ ପ୍ରତି ଲିଟର ପାଣିରେ ୨-ମିଲି ପ୍ରୋପାରଜାଇଟ କିମ୍ବା ୨-ମିଲି ଫେନପାଇରୋକ୍ସିମେଟ ନାମକ |

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| | କୀଟନାଶକ କୁ ମିଶାଇ ସିଞ୍ଚନ କରନ୍ତୁ । |
| ଆମ୍ବ | ବର୍ଷା ଓ କୁହୁଡ଼ିଆ ପାଗ ପରେ ଆମ୍ବ ବଗିଚାରେ ଆମ୍ବ ଡାହାଣୀ କୀଟ ସମସ୍ୟା ଅଧିକ ଦେଖାଦେବାର ସମ୍ଭାବନା ଅଛି, ଏହାର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୦.୪ ମିଲି Imidachloprid କୀଟନାଶକ ଔଷଧ ଗୋଳାଇ ଆମ୍ବ ଗଛ ଓ ତାର ସଖା ପ୍ରଶାଖାରେ ସିଞ୍ଚନ କରନ୍ତୁ । |

## ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ପଶୁ ପାଳନ | ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଗାଈ | ଗୁହାଳ ଘର ଏବଂ ଏହାର ଚଟାଣକୁ ଅଧିକ ସମୟ ପର୍ଯ୍ୟନ୍ତ ଓଦା ଓ ଥଣ୍ଡା ରଖନ୍ତୁ ନାହିଁ । ଅଧିକ ସମୟ ପର୍ଯ୍ୟନ୍ତ ଓଦା ଓ ଥଣ୍ଡା ରହିଲେ ଗାଇଗୋରୁ ମାନଙ୍କୁ ବିଶେଷ କରି ବାଛୁରି ମାନଙ୍କୁ ନିମୋନିଆ, ଜ୍ୱର ଓ ହଇଜା ଇତ୍ୟାଦି ରୋଗ ହେବାର ସମ୍ଭାବନା ଅଛି । ଶୀତ ଋତୁ ରେ ଗୁହାଳ ଘରେ ଉତ୍ତମ ଭାବରେ ବାୟୁ ଚଳପ୍ରଚଳ କରୁଥିବା ଦରକାର । |

## ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ମତ୍ସ୍ୟ ପାଳନ | ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଫ୍ରେଶ ୱାଟର | ଯେହେତୁ ଶୀତ ପର୍ଯ୍ୟାୟ ଚାଲିଛି, ଏହି ପାଣିପାଗର"EUS" (ଏପିଜୋଏଟିକ୍ ଭାଇସରାଟିଭ୍ ସିଣ୍ଡ୍ରୋମ) ର ସମ୍ଭାବନା ଅଛି । ପ୍ରତିଷେଧକ ବ୍ୟବସ୍ଥା ଭାବରେ ଏକ ଏକର ପୋଖରୀ ଅଞ୍ଚଳରେ ୪୦ ଲିଟର ପାଣି ସହିତ ୪୦୦ ମିଲି "ସିଫାକ୍ସ" ମିଶାଇ ପ୍ରୟୋଗ କରିବାକୁ କୃଷକମାନଙ୍କୁ ପରାମର୍ଶ ଦିଆଯାଇଛି । |